# NATIONAL NEWS BULLETIN (ODIA)
## 19th February - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା କ୍ଷେତ୍ରରେ ସମନ୍ୱିତ ରଣନୀତିକ ଭାଗିଦାରୀକୁ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକାରୀ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ଭାରତ ଓ ମାଲେସିଆ ।
- ଲିଥିୟମ୍ ଖନନ ଏବଂ ଏହାର ସୁପରିଚାଳନା ଲାଗି ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଆଜି ସ୍ୱାକ୍ଷରିତ ହେଲା ବୁଝାମଣାପତ୍ର ।
- ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳୀ ଛାତ୍ରୀ ଆତ୍ମହତ୍ୟା ମାମଲାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ; କହିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ।
- ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ଆସନ୍ତାକାଲି ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫିର ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ ପାକିସ୍ତାନ ସମ୍ମୁଖରେ ୩୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ନ୍ୟୁଜିଲାଣ୍ଡ ।

## ଇଣ୍ଡିଆ-ମାଲେସିୟା ଡିଫେନ୍ସ

ଭାରତ-ମାଲେସିଆ ପ୍ରତିରକ୍ଷା ସହଯୋଗ କମିଟିର ତ୍ରୟୋଦଶତମ ବୈଠକ ଆଜି କ୍ୱାଲାଲମ୍ପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭାରତର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଏବଂ ମାଲେସିୟା ପ୍ରତିରକ୍ଷା ମନ୍ତ୍ରଣାଳୟର ମହାସଚିବ ଲୋକମାନ୍ ହାକିମ୍ ବିନ୍ ଅଲି ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ । ଦୁଇଦେଶ ମଧ୍ୟରେ ଗତ କିଛିବର୍ଷ ଧରି ଦ୍ୱିପକ୍ଷୀୟ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଉଥିବା ସହିତ ଉଭୟ ପକ୍ଷର ସଶସ୍ତ୍ର ବାହିନୀ ମିଳିତ ଭାବେ ନିୟମିତ ସମରାଭ୍ୟାସ କରିବା ନେଇ ବୈଠକରେ ପ୍ରତିନିଧିମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଥିସହିତ ଦ୍ୱିପକ୍ଷୀୟ ପ୍ରତିରକ୍ଷା କାର୍ଯ୍ୟକଳାପକୁ ବୃଦ୍ଧି କରିବା ଏବଂ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସମସ୍ୟା ଉପରେ ବିସ୍ତୃତଭାବେ ଦ୍ୱିପକ୍ଷୀୟ ଆଲୋଚନା ହୋଇଛି । ବିଶେଷକରି ଆଗାମୀ ଦିନରେ ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ପ୍ରତିରକ୍ଷା ଶିଳ୍ପ, ସାମୁଦ୍ରିକ ସୁରକ୍ଷା ତଥା ବିବିଧ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ ସହମତ ହୋଇଛନ୍ତି ।  ଗତବର୍ଷ ଅଗଷ୍ଟ ମାସରେ ମାଲେସିଆର ପ୍ରଧାନମନ୍ତ୍ରୀ ଡାଟୋ ସେରି ଅନ୍‌ୱାର୍ ଇବ୍ରାହିମ୍‌ଙ୍କର ଭାରତଗସ୍ତ

ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ମିଳିତ ଭାବେ ପ୍ରତିରକ୍ଷା କ୍ଷେତ୍ରରେ ହୋଇଥିବା ସମନ୍ୱିତ ରଣନୀତିକ ଭାଗିଦାରୀକୁ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକାରୀ କରିବା ଦିଗରେ ଉଭୟ ପକ୍ଷ ଏହି ଅବସରରେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ।

## ଇଣ୍ଡିଆ-ଆର୍ଜେଣ୍ଟିନା ଏଗ୍ରିମେଣ୍ଟ

ଲିଥିୟମ୍ ଖନନ ଏବଂ ଏହାର ସୁପରିଚାଳନା ଦିଗରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ସ୍ୱାକ୍ଷରିତ ହୋଇଥିବା ଏହି ବୁଝାମଣାପତ୍ରରେ ଭାରତ ପକ୍ଷରୁ କୋଇଲା ଓ ଖଣି ମନ୍ତ୍ରୀ ଜି କିଷାନ ରେଡ୍ଡୀ ଏବଂ ଆର୍ଜେଣ୍ଟିନା ପକ୍ଷରୁ ରାଉଲ ଆଲୋଜାଣ୍ଡ୍ରୋ ଜଲିଲ୍ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଆୟୋଜିତ ବୈଠକରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ସହିତ ବିଶେଷକରି ଖଣିଜ ପଦାର୍ଥ ଏବଂ ଲିଥିୟମ୍‌ର ସୁବିନିଯୋଗ ତଥା ପୁଞ୍ଜିନିବେଶ ଉପରେ ଆଲୋଚନା କରାଯାଇଛି ।

# ଓଡ଼ିଶା - ସି.ଏମ୍. - ନେପାଳ ଜଷ୍ଟିସ୍

ଓଡ଼ିଶାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ 'କିଟ୍'ରେ ଜଣେ ନେପାଳୀ ଛାତ୍ରୀଙ୍କର ଆତ୍ମହତ୍ୟା ମାମଲାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି ଆତ୍ମହତ୍ୟା ଘଟଣା ପରେ ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସରୁ ଭୁବନେଶ୍ୱର ଆସିଥିବା ସଞ୍ଜୀବ ଦାସଶର୍ମା ଓ ନବୀନ ଦାଶ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ମୃତ ଛାତ୍ରୀଙ୍କ ପ୍ରତି ସରକାର ଉଚିତ ନ୍ୟାୟ ପ୍ରଦାନ କରିବା ସହିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଶାନ୍ତି ଏବଂ ସ୍ୱାଭାବିକ ଅବସ୍ଥା ଫେରାଇ ଅଣାଯିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏତଦ୍‌ବ୍ୟତୀତ ନେପାଳୀ ଛାତ୍ରଛାତ୍ରୀମାନେ କିଟ୍‌କୁ ଫେରିଆସି ପୂର୍ବଭଳି ସେମାନଙ୍କର ପାଠପଢ଼ା ଜାରି ରଖିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱରସ୍ଥିତ ରାଜ୍ୟ ଅତିଥି ଭବନରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ୍, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗ ଦେଇଥିଲେ ।

ଇତିମଧ୍ୟରେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଲାଗି ରାଜ୍ୟ ସରକାର ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ।

ଅନ୍ୟପକ୍ଷରେ ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରୀ ଆର୍ଜୁ ରାଣା ଦେଓବା, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯଙ୍କ ସହିତ ଟେଲିଫୋନ ଯୋଗେ ଏହି ମାମଲାରେ ଆଲୋଚନା କରିଛନ୍ତି ।

## ଜିତେନ୍ଦ୍ର - ଇଣ୍ଡିଆ ସ୍ପେସ୍

ଦେଶର ମହାକାଶ କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଅଭୂତପୂର୍ବ ରୂପାନ୍ତରୀକରଣ ହୋଇଛି ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଏକ ସାକ୍ଷାତ୍‌କାରରେ ଡକ୍ଟର ସିଂହ କହିଛନ୍ତି, ସମ୍ପ୍ରତି ଭାରତର ମହାକାଶ କ୍ଷେତ୍ରରେ  ସଫଳତାର ସହ ସମ୍ପନ୍ନ ହୋଇଥିବା ଡକିଂ ପରୀକ୍ଷଣ 'ସ୍ପାଡେକ୍ସ'  ଏହାର ପ୍ରତିଫଳନ । ସେହିଭଳି ଗଗନଯାନ, ଚନ୍ଦ୍ରଯାନ-୪ ଓ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ସ୍ଥାପନ ଭଳି ଭାରତର ଭବିଷ୍ୟତର ମହାକାଶ ମିଶନ ଲାଗି ଏହି ସଫଳତା ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିବ ବୋଲି ଡକ୍ଟର ସିଂହ କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ଭାରତ ଅନ୍ୟ ଦେଶର ଅନୁଗାମୀ ହୋଇ ରହି ନାହିଁ; ବରଂ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେବାର ଦକ୍ଷତା ହାସଲ କରିଛି । ଭାରତ ଏପର୍ଯ୍ୟନ୍ତ ୪୩୩ଟି

ବିଦେଶ ଉପଗ୍ରହ ଉତ୍କ୍ଷେପଣ କରିଥିବାବେଳେ କେବଳ ଗତ ଦଶନ୍ଧିରେ ୩୯୬ଟି ଉତ୍କ୍ଷେପଣ କରିଛି । ଏହାଛଡ଼ା ୨୦୪୭ ମସିହା ସୁଦ୍ଧା ଦେଶର ଆଣବିକ ଶକ୍ତିକୁ ୧ ଶହ ଗିଗାୱାଟ୍‌ର ଧାର୍ଯ୍ୟଲକ୍ଷ୍ୟ ହାସଲ କରିବା ସହିତ କାର୍ବନ ନିର୍ଗମନକୁ ୫୦ ପ୍ରତିଶତ ହ୍ରାସ କରିବା ଲାଗି ଲକ୍ଷ୍ୟ ରଖାଯାଇଛି ବୋଲି ଡକ୍ଟର ସିଂହ କହିଛନ୍ତି ।

## ବି.ଜେ.ପି. ଲେଜିସ୍‌ଲେଟିଭ୍ ପାର୍ଟି ମିଟ୍

ଦିଲ୍ଲୀ ବିଜେପି ବିଧାୟକ ଦଳ ବୈଠକ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ଦଳର ନବନିର୍ବାଚିତ ବିଧାୟକ ଓ ଦଳର ବରିଷ୍ଠ ନେତାମାନେ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଦିଲ୍ଲୀର ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମ ଏହି ବୈଠକରେ ଚୂଡ଼ାନ୍ତ ହେବାର ଆଶା କରାଯାଉଛି । ଇତିମଧ୍ୟରେ ନେତା ନିର୍ବାଚନ ଲାଗି ଦଳର ବରିଷ୍ଠ ନେତା ତଥା ସାଂସଦ ରବିଶଙ୍କର ପ୍ରସାଦ ଏବଂ ଜାତୀୟ ସଚିବ ଓମ୍‌ପ୍ରକାଶ ଧନ୍‌ଖଡ୍‌ଙ୍କୁ ବି.ଜେ.ପି. ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି ।

ଆସନ୍ତାକାଲି ସକାଳେ ନୂଆଦିଲ୍ଲୀର ରାମଲୀଳା ମଇଦାନରେ ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଏହି ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସମେତ ୨୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ

ଯୋଗଦେବେ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ନିକଟରେ ଶେଷ ହୋଇଥିବା ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ୪୮ଟି ଆସନ ହାସଲ କରି ସରକାର ଗଢ଼ିବାକୁ ଯାଉଛି ।

## ଫାଇନାନ୍ସ କମିଶନ ଗ୍ରାଣ୍ଟ

କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ବିହାର, ହରିୟାଣା, ଓ ସିକ୍କିମ୍‌ର ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ଲାଗି ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ଆଜି ପ୍ରଦାନ କରିଛନ୍ତି । ବିହାରକୁ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ବାବଦରେ ୮୨୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ପ୍ରଥମ ପର୍ଯ୍ୟାୟ କିସ୍ତିର ବଳକା ପ୍ରାୟ ୪୮ କୋଟି ଟଙ୍କା ମିଳିଛି । ଏହି ଅର୍ଥରେ ରାଜ୍ୟର ୩୮ଟିଯାକ ଜିଲ୍ଲା ପଞ୍ଚାୟତ, ୫୩୦ଟି ଯୋଗ ବ୍ଲକ୍ ପଞ୍ଚାୟତ ଏବଂ ୮ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଗ୍ରାମପଞ୍ଚାୟତର ବିକାଶ ଲାଗି କାର୍ଯ୍ୟ କରାଯିବ ।

ସେହିଭଳି ହରିୟାଣାକୁ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ବାବଦରେ ୨୦୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସହିତ ପ୍ରଥମ ପର୍ଯ୍ୟାୟ କିସ୍ତିର ବଳକା ସାଢ଼େ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟର ୧୮ଟି ଯୋଗ୍ୟ ଜିଲ୍ଲା ପଞ୍ଚାୟତ, ୧୪୨ଟି ଯୋଗ୍ୟ ବ୍ଲକ୍ ପଞ୍ଚାୟତ ଏବଂ ପ୍ରାୟ ୬ ହଜାର ୨୦୦ ଯୋଗ୍ୟ ଗ୍ରାମ ପଞ୍ଚାୟତ ଉନ୍ନତି ଲାଗି ଏହି ଅର୍ଥ ବିନିଯୋଗ କରାଯିବ ।

ଏହାଛଡ଼ା ସିକ୍କିମ୍‌କୁ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ବାବଦରେ ୨୦୨୪-୨୫ ହାର୍ଥିକ ବର୍ଷ ଲାଗି ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ଏହି ଅର୍ଥ ବିନିଯୋଗ କରି ୪ଟି ଯୋଗ୍ୟ ଜିଲ୍ଲା ପଞ୍ଚାୟତ ଓ ୧୮୬ଟି ଯୋଗ୍ୟ ଗ୍ରାମ ପଞ୍ଚାୟତର ବିକାଶ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆସନ୍ତାକାଲିଠାରୁ ୨ ଦିନିଆ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଉଛନ୍ତି । ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ହେବାକୁ ଥିବା ଜି-୨୦ ବୈଦେଶିକ ମନ୍ତ୍ରୀ ବୈଠକରେ ଡକ୍ଟର ଜୟଶଙ୍କର ଯୋଗଦେବେ । ଦକ୍ଷିଣ ଆଫ୍ରିକାର ଅନ୍ତର୍ଜାତୀୟ ବ୍ୟାପାର ଓ ସମବାୟ ମନ୍ତ୍ରୀ ରୋନାଲ୍ଡ ଲାମୋଲାଙ୍କ  ନିମନ୍ତ୍ରଣକ୍ରମେ ଶ୍ରୀ ଜୟଶଙ୍କର ଏହି ଗସ୍ତ କରିବେ । ଜି-୨୦ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଡକ୍ଟର ଜୟଶଙ୍କରଙ୍କ ଯୋଗଦାନ ଜି-୨୦ ରାଷ୍ଟ୍ରଗୁଡ଼ିକ ସହ ଭାରତର ସଂପର୍କକୁ ସୁଦୃଢ଼ କରିବ । ଏଥିସହିତ ଏହି ଗୁରୁତ୍ୱପୂର୍ଣ୍ଣ ମଞ୍ଚରେ ଗ୍ଲୋବାଲ୍ ସାଉଥ୍‌ର ସ୍ୱରକୁ ଦୃଢ଼ୀଭୂତ କରିବାରେ ଡକ୍ଟର ଜୟଶଙ୍କରଙ୍କ ଯୋଗଦାନ ବିଶେଷ ସହାୟକ ହେବ । ଏହି ପୃଷ୍ଠଭୂମିରେ  ସେ  ବିଭିନ୍ନ ରାଷ୍ଟ୍ରର ନେତାଙ୍କ ସହ ଦ୍ୱିପାକ୍ଷିକ  ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଜେ.କେ. - ୱାଟର କ୍ରାଇସିସ୍

କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀରରେ ଜଳର ସୁପରିଚାଳନା ସହ ଏହାର ସଂରକ୍ଷଣ ଦିଗରେ ମିଳିତ ପ୍ରୟାସ କରିବା ଉପରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଗୁରୁତ୍ୱାରୋପ କରିଛନ୍ତି । ଆମ ଜମ୍ମୁ ସମ୍ବାଦଦାତାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଶ୍ରୀ ଅବଦୁଲ୍ଲା କହିଛନ୍ତି, ଚଳିତ ବର୍ଷ ସ୍ୱାଭାବିକଠାରୁ କମ୍ ପରିମାଣର ବର୍ଷା ହେବାଯୋଗୁଁ  ବର୍ତ୍ତମାନ ଜମ୍ମୁ-କାଶ୍ମୀରରେ ଜଳସଙ୍କଟ ଦେଖାଦେବା ଆରମ୍ଭ ହୋଇଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଜଳ ବ୍ୟବହାର ଦିଗରେ ଯତ୍ନବାନ ହେବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

## ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣର ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପାକିସ୍ତାନ ସମ୍ମୁଖରେ ୩୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ କରାଚିରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ

କରିବାକୁ ନିଷ୍ପତ୍ତି ନେଇଥିଲା । ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭର୍‌ରେ ୫ ଓ୍ୱିକେଟ୍ ହରାଇ ୩୨୦ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ଓ୍ୱିକେଟ୍ ରକ୍ଷକ ଟମ୍ ଲାଥାମ୍ ସର୍ବାଧିକ ୧୧୮ ରନ୍ କରି ଅପରାଜିତ ଥିବାବେଳେ ଓ୍ୱିଲ୍ ୟଙ୍ଗ୍ ୧୦୭ ରନ୍ କରିଛନ୍ତି । ପାକିସ୍ତାନ ପକ୍ଷରୁ ନଶିମ ଶାହା ଏବଂ ହାରିଫ୍ ରଫ୍ ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ଆବ୍ରାର୍ ଅହମ୍ମଦ ଗୋଟିଏ ଓ୍ୱିକେଟ୍ ନେଇଛନ୍ତି ।

ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ବାଂଲାଦେଶ ବିପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟ୍‌ରେ ତା'ର ଅଭିଯାନ ଆରମ୍ଭ କରିବ । ସେହିଭଳି ଆସନ୍ତା ୨୩ ତାରିଖ ରବିବାର ଦିନ ଭାରତ ତା'ର ଚିର ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ଭେଟିବ । ପ୍ରତିଯୋଗିତାର ମ୍ୟାଚ୍‌ଗୁଡ଼ିକ  ପାକିସ୍ତାନ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ସ୍‌ର ବିଭିନ୍ନ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍‌ଗୁଡ଼ିକ ଖେଳାଯିବ । ଆସନ୍ତାମାସ ୯ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଭାରତ ସହ ବାଂଲାଦେଶ, ଆୟୋଜକ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ଗ୍ରୁପ୍ ଏ'ରେ ସାମିଲ୍ ହୋଇଥିବାବେଳେ ଗ୍ରୁପ୍ ବି'ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ରହିଛନ୍ତି ।

# ଡବ୍ଲ୍ୟୁ.ପି.ଏଲ୍. କ୍ରିକେଟ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ  ଆଜି ବଦୋଦୋରାର କୋଟାମ୍ବି ଷ୍ଟାଡିୟମ୍‌ଠାରେ ଦିଲ୍ଲୀ କ୍ୟାପିଟାଲ୍‌ସ୍ ଏବଂ ୟୁ.ପି. ୱାରିୟର୍ସ ମଧ୍ୟରେ ଆଉ କିଛି ସମୟ ପରେ ମୁକାବିଲା ହେବ । ଦିଲ୍ଲୀ କ୍ୟାପିଟାଲ୍‌ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଏହି ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ’ ଗୁଜୁରାଟ୍ ଜାଏଣ୍ଟ୍‌ସ୍‌କୁ ୫ ୱିକେଟ୍‌ରେ ପରାସ୍ତ କରିଛି ।

*****